Vol VIII Issue No.140 Monday, 21 May 2007



**New York Times Newspaper**
denver - Get Home Delivery for as little as $3.15 per week!
www.nytimes.com

**Coffee Exposed**
A shocking secret coffee co's don't want you to know
www.coffeefool.com

previous || next

# ୧୦ ଏମ୍‌ପିଙ୍କ ସ୍ୱର ଶୁଭିଲା ନାହିଁ

Click to enlarge text: A A A A

ଆଲୋଚନାରେ ଭାଗ ନେବା ସହିତ ଓଡ଼ିଶାର ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଉଭୟ ଗୃହରେ ଉଠାଇଥିଲେ । ଲୋକସଭାରେ ବିଜେଡି ଏମ୍‌ପି ବ୍ରହ୍ମାନନ୍ଦ ପଣ୍ଡାଙ୍କ ଜୟ ଜଗନ୍ନାଥ ସ୍ୱର ଅନେକ ବାର ଶୁଣିବାକୁ ମିଳିଥିଲା । ସେହିପରି ରାଜ୍ୟସଭାରେ ମଧ୍ୟ ଭାଜପା ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କୁ ଗୃହର ମଧ୍ୟଭାଗରେ ଛିଡ଼ା ହୋଇ ସ୍ଲୋଗାନ ଦେଉଥିବାର ଦେଖାଯାଇଥିଲା । କୋଇଲା ବ୍ଲକ ଉପରେ ବିଜେଡି ଏମ୍‌ପି ତଥାଗତ ସତପଥୀଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ କୋଇଲା ରାଷ୍ଟ୍ରମନ୍ତ୍ରୀ ଓଡ଼ିଶାର ନାମ ଛାଡି ଯାଇଥିଲେ । ଫଳରେ ଶ୍ରୀ ସତପଥୀ କ୍ଷୋଭ ପ୍ରକାଶ କରି କହିଥିଲେ ଯେ ବୋଧହୁଏ ଓଡ଼ିଶା ଭାରତ ସରକାରଙ୍କ ମାନଚିତ୍ରରେ ନାହିଁ । ଓଡ଼ିଶାର ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପାର୍ଲାମେଂଟ ପରିସରରେ ସ୍ଥାପନ କରିବାକୁ ମଧ୍ୟ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟଙ୍କ ଦ୍ୱାରା ଦାବି ହୋଇଥିଲା । ଏହାକୁ ମଧ୍ୟ ଲୋକସଭା ବାଚସ୍ପତି ସୋମନାଥ ଚାଟାର୍ଜୀ ସମର୍ଥନ କରିଥିଲେ । ସେହିପରି ବୁର୍ଲା ଇଞ୍ଜିନିୟରିଂ କଲେଜକୁ ମଧ୍ୟ ଆଇଆଇଟିର ମାନ୍ୟତା ଦେବାକୁ ଉଭୟ ଗୃହରେ ଦାବି ହୋଇଥିଲା । ବିଭିନ୍ନ ଦରଦାମ୍ ବଢୁଥିବାରୁ ଏମ୍‌ପିଙ୍କ ସ୍ଥାନୀୟ ବିକାଶ ପାଣ୍ଠିକୁ ୨ରୁ ୫ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ଭାଜପା ଏମ୍‌ପି ଖାରବେଳ ସ୍ୱାଇଁ ଦାବି କରିଥିଲେ । ଯଦି ଏହା ନ ହୋଇପାରୁଛି ତା'ହେଲେ ଏହାକୁ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରିଦେବାକୁ ସେ ବାଚସ୍ପତିଙ୍କୁ କହିଥିଲେ ।

କିଏ କ'ଣ କହିଛନ୍ତି: ଲୋକସଭା

previous || next



JeevanSathi.com Feedback - Ads by Google

©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.